ଟିପିସିଓଡିଏଲକୁ ଓଡ଼ିଶା ସିଏସଆର ଏକ୍ସଲେନ୍ସ ପୁରସ୍କାର

ଭୁବନେଶ୍ୱର, ୨୮।୧୧(ନିପ୍ର): ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲକୁ) କୁ ଓଡ଼ିଶା ସିଏସଆର ଫୋରମ୍ ଦ୍ୱାରା ଓଡ଼ିଶା ସିଏସଆର ଏକ୍ସେଲେନ୍ସ ପୁରସ୍କାର - ୨୦୨୫ ରେ ସମ୍ମାନିତ କରାଯାଇଛି। ଏହାର ଅତ୍ୟନ୍ତ ପ୍ରଭାବଶାଳୀ ଫ୍ଲାଗସିପ୍ କାର୍ଯ୍ୟକ୍ରମ ''ଅଧିକାର – ସରକାରୀ ଯୋଜନା ସମୂହକୁ ପ୍ରବେଶ ପଥ'' କୁ ସ୍ୱୀକୃତି ଦେଇ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି।ନୟାଗଡ଼ ଏବଂ ଢେଙ୍କାନାଳରେ କାର୍ଯ୍ୟକାରୀ ହୋଇଥିବା ଅଧିକାର କାର୍ଯ୍ୟକ୍ରମ ହଜାର ହଜାର ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବାରେ ସାହାଯ୍ୟ କରିଛି, ଯାହା ଫଳରେ ତୃଣମୂଳ ସ୍ତରରେ ସାମାଜିକ ନିରାପତ୍ତା ଏବଂ ସାମାଜିକ ସଶକ୍ତିକରଣ ସମ୍ଭବ ହୋଇପାରିଛି। ଏହି ସ୍ୱୀକୃତି ସେବାଯୋଗାଣ ଅଞ୍ଚଳରେ ଗୋଷ୍ଠୀର ବିକାଶ, ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ଏବଂ ପରିବର୍ତ୍ତନର କ୍ଷମତାରଖିଥିବା ବିଭିନ୍ନ ସିଏସଆର ହସ୍ତକ୍ଷେପ ପାଇଁ ଟିପିସିଓଡିଏଲ ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଏସିଆନ୍ ପେଣ୍ଟ୍ସ ଭାରତୀୟ କ୍ରିକେଟର ଅଫିସିଆଲ କଲର୍ ପାର୍ଟନର

ମୁମ୍ବାଇ, ୨୮।୧୧(ଏଜେନ୍ସି): କ୍ରିକେଟକୁ ନେଇ ବିପୁଳ ଉତ୍ସାହ ପରିଲକ୍ଷିତ ହେଉଥିବା ବେଳେ ଭାରତର ଅଗ୍ରଣୀ ପେଣ୍ଟ ଏବଂ ଡେକୋର ବ୍ରାଣ୍ଡ ଏସିଆନ୍ ପେଣ୍ଟ୍ସ ଭାରତୀୟ କ୍ରିକେଟର ଅଫିସିଆଲ କଲର୍ ପାର୍ଟନର ଭାବରେ ବିସିସିଆଇ ସହିତ ସହଭାଗିତା ସମ୍ପର୍କରେ ଘୋଷଣା କରିଛି । ତିନିବର୍ଷ ନିମନ୍ତେ ଏହି ସହଯୋଗ ୧୧୦ ମ୍ୟାଚ ନିମନ୍ତେ ପ୍ରଯୁଜ୍ୟ ରହିବ। ଏହି ସହଯୋଗ କ୍ରିକେଟ ସହିତ ଏସିଆନ୍ ପେଣ୍ଟ୍ସର ସମ୍ପର୍କକୁ ସୁଦୃଢ଼ କରିବା ସହିତ କ୍ରିକେଟର ପ୍ରତ୍ୟେକ ରଙ୍ଗ ସହିତ ୧.୪ ବିଲିଅନ ଲୋକଙ୍କୁ ଯୋଡୁଛି। ଏସିଆନ୍ ପେଣ୍ଟ୍ସ ଏବେ ରାଷ୍ଟ୍ରର ସର୍ବବୃହତ ରୁଚି ଓ ଆଗ୍ରହ ପାଲଟିଥିବା କ୍ରିକେଟକୁ ନିଜର ମଜଭୁତ ଉପସ୍ଥିତି ସମ୍ପ୍ରସାରିତ କରିଛି। ଏସିଆନ୍ ପେଣ୍ଟ୍ସର ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ଅମିତ ସିଙ୍ଗଲ କହିଥିଲେ, କ୍ରିକେଟ କୋଟି କୋଟି ହୃଦୟକୁ ଯୋଡୁଛି। ଆମେ ଏଭଳି ଏକ ମଞ୍ଚରେ ବିସିସିଆଇ ସହିତ ସହଯୋଗିତା କରିବା ନେଇ ରୋମାଞ୍ଚିତ ହେଉଛୁ। ଏସିଆନ୍ ପେଣ୍ଟ୍ସରେ ଆମେ ସର୍ବଦା ଜନସାଧାରଣଙ୍କ ଜୀବନ ଯାପନ, ଅନୁଭବ ଏବଂ ଅଭିବ୍ୟକ୍ତ ଦିଗକୁ ଏକ ରୂପ ପ୍ରଦାନ କରିବାରେ ରଙ୍ଗର ଶକ୍ତିରେ ବିଶ୍ୱାସ କରିଆସିଛୁ। ବିସିସିଆଇ ସହିତ ସହଯୋଗୀତା ଏକ ଉଲ୍ଲସିତ ନୂତନ ଅଧ୍ୟାୟ ହେବାକୁ ଯାଉଛି। ଅଫିସିଆଲ କଲର୍ ପାର୍ଟନର୍ ଭାବରେ ଆମେ ପ୍ରଶଂସକ ଏବଂ ଗ୍ରାହକଙ୍କ ସହିତ ନିୟୋଜିତ ରହିବାର ଅପେକ୍ଷା ରଖିଛୁ। ଆମର ଅନେକ ଆକର୍ଷଣୀୟ ସମନ୍ୱୟ ରହିଛି, ଯାହା କ୍ରିକେଟ ସହିତ ସର୍ବାଧିକ ରଙ୍ଗୀନ ସହଯୋଗିତା ଭାବରେ ପ୍ରସ୍ତୁତ କରିବ ।

ଆମ୍ବେଦକର ମହାସଂଘ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ରାୟଗଡ଼ା, ୨୮/୧୧(ନି.ପ୍ର): ଆମ୍ବେଦକର ମହାସଂଘ, ରାୟଗଡ଼ା ଆନୁକୂଲ୍ୟରେ ୭୬ ତମ ସମ୍ବିଧାନଦିବସ ପାଳନ କରାଯାଇଛି। ଏହି ଅବସରରେ ବସଷ୍ଟାଣ୍ଡ ଛକରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ବସନ୍ତ କୁମାର ପ୍ରଧାନ, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡ଼ା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।ପରେ ତେଜସ୍ୱୀ ହୋଟେଲ ସମ୍ମୁଖ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ଶ୍ରୀ ଆର ଶ୍ରୀନିବାସ ରାଓ, ମାଲକାନଗିରି ଯୋଗଦାନ କରିଥିଲେ ଓ ନାଗରିକ ଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ ଶ୍ରୀ ଉପେନ୍ଦ୍ର ନାୟକ, ଆମ୍ବେଦକର ମହାସଂଘ ର ସଭାପତି, କାର୍ଯ୍ୟକାରୀ ସଭାପତି ଶ୍ରୀ ହାଜାରୀ ନିମାଳା, ଜଳନ୍ଧର ପୁସିକା, ଆୟୋଜନ କମିଟିର ସଭାପତି ଶ୍ରୀ ଦୁର୍ଗାଚରଣ ମାଣ୍ଡାଙ୍ଗି, ସହ ଆୟୋଜକ, ଆଦିବାସୀ ମହାସଂଘ ର ସଭାପତି ଶ୍ରୀ ବସନ୍ତ ପେଦେଣ୍ଟି, ବିଷମକଟକ କୁଇ କୁଳ ଉନ୍ନୟନ ପରିଷଦ ର ସଭାପତି ଶ୍ରୀ ଅଙ୍ଗଦ କୁତ୍ରୁକା, ବିକାଶରାଓ, ୱାର୍କର୍ସ କ୍ଲବର ସଭାପତି ଶ୍ରୀ ଦାଶରଥି ରାଜଗୁରୁ। ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରବୃନ୍ଦ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, ୱାର୍କର୍ସ କ୍ଲବର ସଦସ୍ୟ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ଶ୍ରୀ ଉପେନ୍ଦ୍ର ହିଆଲ, ସୁବାସ ବିଡିକା, ଦେମୁର୍ତ୍ତି ପାତିକା, ଆଦିକନ୍ଦ ନିମାଲା । କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ଶ୍ରୀ ସୁରୋଜ ବିଭୋର ଧନ୍ୟବାଦ ଅର୍ପଣ କରିଥିଲେ ।

ହାଇଟେକ୍ ବିଜ୍ଞାନ କଲେଜରେ ବାର୍ଷିକ କ୍ରୀଡା

କ୍ରୀଡା ଯୁବବର୍ଗଙ୍କ ଜୀବନକୁ ସନ୍ତୁଳିତ କରିଥାଏ

ଭୁବନେଶ୍ୱର, ୨୮।୧୧(ନିପ୍ର): କ୍ରୀଡା ଯୁବବର୍ଗଙ୍କୁ ଏକ ସ୍ୱତନ୍ତ୍ର ଜୀବନ ବଞ୍ଚିବାକୁ ଦିଏ । ଯୁବ ଗୋଷ୍ଠୀମାନେ କ୍ରୀଡା ପ୍ରତିଯୋଗିତା ଦ୍ୱାରା ସେମାନଙ୍କ ଭିତରେ ଥିବା ଯୁବ ଶକ୍ତିକୁ ସମୁଜ୍ଜ୍ୱଳ କରନ୍ତି ଏବଂ ଦେଶ, ଜାତି, ରାଷ୍ଟ୍ର ପାଇଁ ସେମାନଙ୍କ ଜୀବନ ଗରୀୟାନ ହୁଏ। ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ୧୯ତମ ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ଏହାକୁ ମୁଖ୍ୟ ଅତିଥ୍ୟ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ଚିତ୍ତରଞ୍ଜନ ସାହୁ, ଉପାଧ୍ୟକ୍ଷ ବିଭୂତି ଭୂଷଣ ବେହେରା ଏବଂ ହାଇଟେକ୍ ଗ୍ରୁପର କ୍ରୀଡା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। କ୍ରୀଡା ପ୍ରଶିକ୍ଷକ ଶୁରେଶ କୁମାର ନାୟକ, ମେଘବର୍ଣ୍ଣ ସ୍ୱାଇଁ, ବିଜ୍ଞାନ କଲେଜର କ୍ରୀଡା ଶିକ୍ଷକ ସତ୍ୟ ବପ୍ଳବ ମିଶ୍ର ପରିଚାଳନା କରିଥିଲେ।

ଷ୍ଟେଟ୍ ବ୍ୟାଙ୍କର ଗ୍ରାହକ ସମ୍ମିଳନୀ

କଟକ, ୨୮।୧୧(ନିପ୍ର): ଶିଖରପୁର ସ୍ଥିତ ଏକ ହୋଟେଲରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ଚୌଧୁରି ଅଶ୍ୱିନ୍ ଅନୁପମ ପ୍ରହରାଜ ଅଧକ୍ଷତା କରିଥିଲେ। ଶ୍ରୀ ପ୍ରହରାଜ ଗ୍ରାହକମାନଙ୍କୁ ବ୍ୟାଙ୍କରେ ଉପଲବ୍ଧ ବିଭିନ୍ନ ସେବା ଏବଂ ସୁବିଧା ବିଷୟରେ ଅବଗତ କରିଥିଲେ। ମୁଖ୍ୟ କାର୍ଯ୍ୟାଳୟର ଏଜିଏମ୍ କୀର୍ତ୍ତିକାନ୍ତ ସ୍ୱାଇଁ ଗ୍ରାହକମାନଙ୍କୁ ସାଇବର ସୁରକ୍ଷା ଏବଂ ଅନ୍‌ଲାଇନ୍ ଠକେଇ ବିଷୟରେ ସଚେତନ କରାଇଥିଲେ। ସଭାରେ ଯୋଗଦେଇଥିବା ଶତାଧିକ ଗ୍ରାହକ ବ୍ୟାଙ୍କର ପ୍ରଚଳିତ ଡିଜିଟାଲ ପ୍ରକ୍ରିୟା ଓ ଆଧୁନିକୀକରଣ ସେବାର ଭୂୟସୀ ପ୍ରଶଂସା କରିଥିଲେ। ଯୁବ ଉଦ୍ୟୋଗୀମାନେ ବ୍ୟାଙ୍କ ସହାୟତାରେ ବ୍ୟବସାୟ ଅଭିବୃଦ୍ଧି ସଂପର୍କରେ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର କଟକ ସହରରେ ଥିବା ଶାଖାର ପ୍ରବନ୍ଧକ ଏବଂ ଆଞ୍ଚଳିକ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

ସୋଆ ସାହିତ୍ୟ ଉତ୍ସବରେ

ଯୋଗଦେବେ ଶତାଧିକ ପ୍ରମୁଖ ବ୍ୟକ୍ତି

ଭୁବନେଶ୍ୱର,୨୮।୧୧(ନିପ୍ର): ଶନିବାରୁ ଠାରୁ ଆରମ୍ଭ ହେବ ଦୁଇ ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବ-୨୦୨୫। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଣ୍ଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲ୍‌ଚର ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଏହାକୁ ଆୟୋଜନ କରାଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ରହିଛି 'କଲଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ୍ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଉତ୍ସବର ପ୍ରଥମ ଦିନ ଅର୍ଥାତ ନଭେମ୍ବର ୨୯ ତାରିଖରେ ଉତ୍ସବକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଉଦ୍‌ଘାଟନ କରିବେ। କାର୍ଯ୍ୟକ୍ରମରେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ପ୍ରାପ୍ତ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ଦିଆଯିବ। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏବର୍ଷ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବ। ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ସୋଆ ଉପସଭାପତି ଶାଶ୍ୱତୀ ଦାସ ଏବଂ ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଡ. କେ ଶ୍ରୀନିବାସରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସୋଆ ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଓ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ ବକ୍ତବ୍ୟ ରଖିବେ। ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଦ୍ୱିତୀୟ ଦିନରେ ଜନଜାତି ସଂସ୍କୃତିକୁ ନେଇ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି। ଏହାର ପ୍ରସଙ୍ଗ ରହିଛି 'କଲଚର: ଦ ହେରିଟେଜ ୱି ମଷ୍ଟ ପ୍ରିଜର୍ଭ'। ଏହି ଅବସରରେ ଯୁବ କବି ଓ ଲେଖକ ସୁର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ଡ. ପିକେ ପାତ୍ର ଅଧକ୍ଷତା କରିବେ। ଉତ୍ସବରେ ଶତାଧିକ ଲେଖକ, କବି, ଚିତ୍ରକର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦୁଇ ଦିନିଆ ଉତ୍ସବରେ ୩୦ ଅଧିବେଶନ ରଖାଯାଇଛି।

ଗୋରୁମହିଷାଣି ଅଞ୍ଚଳରୁ ବିପୁଳ ବିସ୍ଫୋରକ ଜବତ



ରାଇରଙ୍ଗପୁର,୨୮।୧୧(ନିପ୍ର): ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣି ପୁଲିସ ବିପୁଳ ବିସ୍ଫୋରକ ଜବତ କରିଛି। ବୁଧବାର ରାତିରେ ତିରିଂ ଥାନା କୁଲଡିହା ଗ୍ରାମର ଚନ୍ଦ୍ରକିଶୋର ନାଏକ ଏବଂ ନଦାବସାର ଜସେଇ ମାରାଣ୍ଡି ବାଇକ୍‌ରେ ବିସ୍ଫୋରକ ନେଉଥିବା ଖବର ପୁଲିସକୁ ମିଳିଥିଲା। ଚଡ଼େଇପାହାଡି ପଟୁ ଏକ ହିରୋ ବାଇକ୍‌ରେ ବିପୁଳ ବିସ୍ଫୋରକ ଆସୁଥିଲା। ଥାନାଧିକାରୀ ଜଗନ୍ନାଥ ମୁଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ପିଛାକରି ମାର୍ଜାଗୋଡ଼ା ଗ୍ରାମ ଦିୱାନା ଛକରେ ବାଇକ ଆରୋହୀଙ୍କୁ ଅଟକାଇ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ। ଏନେଇ ଗୋରୁମହିଷାଣୀ ଥାନାରେ ମାମଲା ରୁଜୁ ହେବା ସହିତ ତଦନ୍ତ ଜାରି ରହିଛି । ଉକ୍ତ ବିସ୍ଫୋରକ କେଉଁ କାର୍ଯ୍ୟରେ ବ୍ୟବହୃତ ନେଇ ଯାଉଥିବା ତାହା ସ୍ପଷ୍ଟ ଜଣାପଡ଼ିନାହିଁ

କିଟ୍ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଭିଭାବକ ସମିଳନୀ

ଭୁବନେଶ୍ୱର, ୨୮।୧୧(ନିପ୍ର): ଶନିବାର ଓ ରବିବାର ଦୁଇଦିନ ଧରି କିଟ୍ ଉଚ୍ଚ ମାଧମିକବିଦ୍ୟାଳୟ ସମିଳନୀ କକ୍ଷରେ ଅଭିଭାବକ ଏବଂ ଶିକ୍ଷକ ମିଳିତ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ସମିଳନୀରେ କିଟ୍ ଉଚ୍ଚମାଧମିକ ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍ ପ୍ରତିଷ୍ଠାତା ସଭ୍ୟ ଡ. ଚି ରଞ୍ଜନ ମିଶ୍ର ଉପସ୍ଥିତ ରହି ଅଭିଭାବକମାନଙ୍କୁ ଗୁଣାମକ ଶିକ୍ଷା ଓ ଶୃଙ୍ଖଳିତ ଜୀବନ ଉପରେ ବୁଝାଇଥିଲେ। ଡ. ମିଶ୍ର କିପରି ଭାବରେ ପିଲାମାନେ ଶୃଙ୍ଖଳିତ ହୋଇ ନିଜର ପାଠପଢାରେ ମନ ନିବେଶ କରିବେ ସେ ବିଷୟରେ କହିଥିଲେ। ପିଲାଙ୍କ ସର୍ବାଙ୍ଗିନ ଉନ୍ନତି ପଥରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଯେତିକି ଦାୟିତ୍ୱ ରହିଛି, ପିତାମାତାଙ୍କର ମଧ ସେତିକି ଦାୟିତ୍ୱ ଅଛି। ପିଲାମାନେ କିପରି ଦାୟିତ୍ୱବାନ ହେବେ ତାହା ମଧ ଗୁରୁଜନମାନଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଡ. ତ୍ରିବିକ୍ରମ ଷଡଙ୍ଗୀ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଶିକ୍ଷକତା ଜୀବନର ଅଭିଜ୍ଞତା ବୁଝାଇ ପିଲାମାନଙ୍କର ଉନ୍ନତି କାମନା କରିଥିଲେ। ଅଭିଭାବକଙ୍କଠାରୁ ଗୁଣାତ୍ମକ ଉପଦେଶ ଆହ୍ୱାନ କରାଯାଇ ସେସବୁର ଶିଘ୍ର ସମାଧାନ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଉପାଧକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।

ବ୍ୟାଙ୍କ ଅଫ୍ ବରୋଦା / Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ଧାରା ୧୩(୪) ସହିତ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତି **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା, ଭୀମଟାଙ୍ଗି ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

ଭୀମଟାଙ୍ଗି ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା	ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ	ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ	ବକେୟା ପରିମାଣ
ଋଣଗ୍ରହୀତାମାନେ: ୧) ଶ୍ରୀ ଦିଲ୍ଲିପ କୁମାର ପ୍ରଧାନ, ପିତା: ବନବିହାରୀ ପ୍ରଧାନ, **୨) ଶ୍ରୀମତୀ ଦୀପା ପ୍ରଧାନ,** ସ୍ୱାମୀ: ପ୍ରଦୀପ କୁମାର ପ୍ରଧାନ, ଉଭୟଙ୍କ ଠିକଣା- ସା: କୁଞ୍ଜର, ପୋ: ସଙ୍ଗଳାଇ ଶାସନ, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୧୦୪	**ଶ୍ରୀ ଦିଲ୍ଲିପ କୁମାର ପ୍ରଧାନ ଏବଂ ଶ୍ରୀମତୀ ଦୀପା ପ୍ରଧାନ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: କୁଞ୍ଜର, ଖାତା ନଂ.: ୪୪୩/୩୪୦, ପ୍ଲଟ୍ ନଂ.: ୨୯୭/୧୩୭୧, କ୍ଷେତ୍ର: ଏକର୦.୬୪୦ ଡିସିମିଲି, ଅନୁରୂପ ଖାତା ନଂ.: ୪୪୩/୨୩୭, ପୁନଶ୍ଚ ଅନୁରୂପ ଖାତା ନଂ.: ୧୪୯, ପ୍ଲଟ୍ ନଂ.: ୨୯୭, ଏସ୍‌ଆରଓ: ପିପିଲି, ତହସିଲ: ପିପିଲି, ୨୧୫, ଥାନା: ପିପିଲି, ଥାନା ନଂ.: ୬୧, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୩୨୦, ଦକ୍ଷିଣ: ରେଭିନ୍ୟୁ ରାସ୍ତା, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପଶ୍ଚିମ: କଡ ନାଳ	୧୯.୦୭.୨୦୨୫ / ୨୫.୧୧.୨୦୨୫	୧୩.୦୯.୨୦୨୫ ସୁଦ୍ଧା ଟ.୨୫,୪୪,୭୨୮.୧୯ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ଶ୍ରୀ ଶୁଭକାନ୍ତ ଜେନା, ପିତା: ଚନ୍ଦ୍ର ଶେଖର ଜେନା, ସା: ଅଦତରବୋଇ, ପୋ: ବାରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୧୬	**ଶ୍ରୀ ଶୁଭକାନ୍ତ ଜେନା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: ନୂଆଗାଁ, ଖାତା ନଂ.: ୧୯୧/୨୪୧, ପ୍ଲଟ୍ ନଂ.: ୫୪୫, କ୍ଷେତ୍ର: ଏକର୦.୪୨୦ ଡିସିମିଲିରୁ କ୍ଷେତ୍ର: କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଏସ୍‌ଆରଓ: ପିପିଲି, ତହସିଲ: ଡେଲାଙ୍ଗ, ଥାନା: ପିପିଲି, ନଂ.: ୧୨୬, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୫୪୬, ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତା	୧୯.୦୯.୨୦୨୫ / ୨୫.୧୧.୨୦୨୫	୧୩.୦୯.୨୦୨୫ ସୁଦ୍ଧା ଟ.୩୩,୧୪,୦୩୨.୬୯ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ଶ୍ରୀ ପ୍ରଫୁଲ୍ଲ ବିଶ୍ୱାଳ, ପିତା: ପ୍ରସନ୍ନ କୁମାର ବିଶ୍ୱାଳ, ସା: ଖଣ୍ଡିଆଗିରି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୧୦୪	ଶ୍ରୀ **ପ୍ରଫୁଲ୍ଲ ବିଶ୍ୱାଳ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: ଖଣ୍ଡିଆଗିରି, ଖାତା ନଂ.: ୧୦୭/୧୧୦, ପ୍ଲଟ୍ ନଂ.: ୩୧୪, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ଅନୁରୂପ ଖାତା ନଂ.: ୧୦୭/୧୮, ପୁନଶ୍ଚ ଅନୁରୂପ ଖାତା ନଂ.: ୭୫, ପ୍ଲଟ୍ ନଂ.: ୩୧୪ ଏବଂ ଖାତା ନଂ.: ୧୦୭/୧୧୧, ପ୍ଲଟ୍ ନଂ.: ୩୧୩, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ଅନୁରୂପ ଖାତା ନଂ.: ୭୪, ପ୍ଲଟ୍ ନଂ.: ୩୧୩, ଏସ୍‌ଆରଓ: ପିପିଲି, ତହସିଲ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରୀ, **ପ୍ଲଟ୍ ନଂ.: ୩୧୪ର ଚାରିପାର୍ଶ୍ୱରେ** ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୩୦୦, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୧୩, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୩୧୫, **ପ୍ଲଟ୍ ନଂ.: ୩୧୩ର ଚାରିପାର୍ଶ୍ୱରେ** ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୩୦୧, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୧୨, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୩୧୪ (ପ୍ରଫୁଲ୍ଲ ବିଶ୍ୱାଳ)	୧୯.୦୭.୨୦୨୫ / ୨୫.୧୧.୨୦୨୫	୧୯.୦୭.୨୦୨୫ ସୁଦ୍ଧା ଟ.୨୮,୮୬,୯୩୦.୧୯ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ଶ୍ରୀ ଦାଶରଥି ଦାସ, ପିତା: ବିଶି ଦାସ, ସା: କଣ୍ଟି କୋଠବାଡ, ପୋ: କଣ୍ଟି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୧୦୪	**ଶ୍ରୀ ଦାଶରଥି ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: କଣ୍ଟି କୋଠବାଡ, ଖାତା ନଂ.: ୪୮୭/୨୪୯, ପ୍ଲଟ୍ ନଂ.: ୩୧୦/୧୩୫୨, କ୍ଷେତ୍ର: ଏକର୦.୧୦୦ ଡିସିମିଲି, ଏସ୍‌ଆରଓ: ପିପିଲି, ତହସିଲ: ପିପିଲି, ନଂ.: ୧୫୯, ଥାନା: ପିପିଲି, ନଂ.: ୦୩, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: କେନାଲ ବନ୍ଧ, ଦକ୍ଷିଣ: ଚକନାଳୀ, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପଶ୍ଚିମ: କେନାଲ ବନ୍ଧ ଏବଂ ପ୍ଲଟ୍ ନଂ.: ୨୨୮	୧୯.୦୯.୨୦୨୫ / ୨୫.୧୧.୨୦୨୫	୧୩.୦୯.୨୦୨୫ ସୁଦ୍ଧା ଟ.୪୦,୦୯,୫୪୦.୨୩ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ଶ୍ରୀ ରତିକାନ୍ତ ରାୟ, ପିତା: ବିଜୟ ରାୟ, ସା: ହୁମର, ପୋ: ବରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୧୬	**ଶ୍ରୀ ରତିକାନ୍ତ ରାୟ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: ଆବଲପୁର, ଖାତା ନଂ.: ୧୫୯/୨୬୮, ପ୍ଲଟ୍ ନଂ.: ୨୭୨, କ୍ଷେତ୍ର: ଏକର୧.୧୧୮ ଡିସିମିଲିରୁ କ୍ଷେତ୍ର: ଏକର୦.୦୩୦ ଡିସିମିଲି, ୬୮ ବର୍ଗ କଡି ସବ୍ ପ୍ଲଟ୍ ନଂ.: ୨୧ ନାମରେ ଚିହ୍ନଟ, ଅନୁରୂପ ଖାତା ନଂ.: ୧୫୯/୨୫୦, ପୁନଶ୍ଚ ଅନୁରୂପ ଖାତା ନଂ.: ୪୪, ପ୍ଲଟ୍ ନଂ.: ୨୭୨, ଏସ୍‌ଆରଓ: ପିପିଲି, ତହସିଲ: ପିପିଲି, ନଂ.: ୨୭୮, ଥାନା: ପିପିଲି, ନଂ.: ୧୩୪, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ୍‌ର ଅବଶିଷ୍ଟ ଅଂଶ	୧୯.୦୯.୨୦୨୫ / ୨୫.୧୧.୨୦୨୫	୧୩.୦୯.୨୦୨୫ ସୁଦ୍ଧା ଟ.୪୧,୮୮,୩୨୩.୫୯ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତାମାନେ: ୧) ଶ୍ରୀ ଜିତୁ ରଞ୍ଜନ ବଳ, ପିତା: ଶ୍ରୀ ଘନଶ୍ୟାମ ବାଳ, **୨) ଶ୍ରୀମତୀ ରଞ୍ଜିତା ବଳ,** ସ୍ୱାମୀ: ଶ୍ରୀ ଜିତୁ ରଞ୍ଜନ ବଳ, ଉଭୟଙ୍କ ଠିକଣା- ସା: ରେଞ୍ଚ, ଡେଲାଙ୍ଗ ଷ୍ଟେସନ ବଜାର, ପୋ: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୧୬	**ଶ୍ରୀମତୀ ରଞ୍ଜିତା ବଳ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: ଆବଲପୁର, ଖାତା ନଂ.: ୧୫୯/୧୯୯, ପ୍ଲଟ୍ ନଂ.: ୪୦/୬୦୭, କ୍ଷେତ୍ର: ଏକର୦.୦୭୩୭୦ ବର୍ଗ କଡିରୁ କ୍ଷେତ୍ର: ଏକର୦.୦୩୭୪୮ ବର୍ଗ କଡି, ଅନୁରୂପ ଖାତା ନଂ.: ୧, ପ୍ଲଟ୍ ନଂ.: ୪୦, ଏସ୍‌ଆରଓ: ପିପିଲି, ତହସିଲ: ପିପିଲି, ତହସିଲ: ନଂ.: ୨୭୮, ଥାନା: ପିପିଲି, ଥାନା ନଂ.: ୧୩୪, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ସରିତା ପଣ୍ଡାଙ୍କ ପ୍ଲଟ୍, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପଶ୍ଚିମ: ରାସ୍ତା	୧୯.୦୭.୨୦୨୫ / ୨୫.୧୧.୨୦୨୫	୧୯.୦୭.୨୦୨୫ ସୁଦ୍ଧା ଟ.୩୧,୧୮,୯୨୪.୮୪ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ଶ୍ରୀମତୀ ଦିପ୍ତିମୟୀ ଗୁରୁ, ସ୍ୱାମୀ: କବିନ୍ଦ୍ର ଗୁରୁ, ସା: ବୋଲକଣା, ପୋ: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୧୬	**ଶ୍ରୀମତୀ ଦିପ୍ତିମୟୀ ଗୁରୁ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: ଆବଲପୁର, ଖାତା ନଂ.: ୧୫୯/୨୩୬, ପ୍ଲଟ୍ ନଂ.: ୨୭୧, କ୍ଷେତ୍ର: ଏକର୧.୦୩୦ ଡିସିମିଲିରୁ କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଅନୁରୂପ ଖାତା ନଂ.: ୧୨୪, ପ୍ଲଟ୍ ନଂ.: ୨୭୧, ଏସ୍‌ଆରଓ: ପିପିଲି, ତହସିଲ: ପିପିଲି, ତହସିଲ: ନଂ.: ୨୭୮, ଥାନା: ପିପିଲି, ନଂ.: ୧୩୪, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୨୭୨, ଦକ୍ଷିଣ: ୨୫ ଫୁଟିଆ ଚଉଡା ରାସ୍ତା, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ୍‌ର ଅବଶିଷ୍ଟ ଅଂଶ	୧୯.୦୯.୨୦୨୫ / ୨୫.୧୧.୨୦୨୫	୧୩.୦୯.୨୦୨୫ ସୁଦ୍ଧା ଟ.୪୨,୬୦,୦୧୪.୧୮ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ଶ୍ରୀ ବାପିନା ନାୟକ, ପିତା: ଶ୍ରୀ ବିଜୟ ନାୟକ, ସା/ପୋ: ଖେଲୁରା, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୧୬	**ଶ୍ରୀ ବାପିନା ନାୟକ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ଡେଲାଙ୍ଗ, ଥାନା ନଂ.: ୧୨୬, ଏସ୍‌ଆରଓ: ପିପିଲି, ମୌଜା: ନୂଆଗାଁ, ଖାତା ନଂ.: ୧୯୧/୨୪୧, ପ୍ଲଟ୍ ନଂ.: ୫୪୫, କ୍ଷେତ୍ର: ଏକର୦.୪୨୦ ଡିସିମିଲିରୁ କ୍ଷେତ୍ର: ଏକର୦.୦୪୫ ଡିସିମିଲି, ସ୍ୱତଃ: ସ୍ଥିତିବାନ, ଘରବାରୀ, ଅନୁରୂପ ଖାତା ନଂ.: ୧୭୨, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା (ଭୀମସେନ ପ୍ରଧାନ), ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୫୪୬, ପୂର୍ବ: ବିକ୍ରେତା (ଭୀମସେନ ପ୍ରଧାନ), ପଶ୍ଚିମ: ରାସ୍ତା	୧୯.୦୭.୨୦୨୫ / ୨୫.୧୧.୨୦୨୫	୧୯.୦୭.୨୦୨୫ ସୁଦ୍ଧା ଟ.୪୦,୮୧,୯୭୧.୯୫ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ଶ୍ରୀ ଅମିୟ ସୁନ୍ଦରାୟ, ପିତା: ଶ୍ରୀ ଜୟକୃଷ୍ଣ ସୁନ୍ଦରାୟ, **୨) ଶ୍ରୀମତୀ ନଳିନୀପ୍ରଭା ସୁନ୍ଦରାୟ,** ସ୍ୱାମୀ: ଶ୍ରୀ ଅମିୟ ସୁନ୍ଦରାୟ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୪୧୭/୨୯୨୮, ବଡରଘୁନାଥପୁର, ଯାଆଁଳା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୪	**୧) ଶ୍ରୀମତୀ ନଳିନୀପ୍ରଭା ସୁନ୍ଦରାୟ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ଥାନା: ଜଟଣୀ, ଥାନା ନଂ.: ୬୫, ଏସ୍‌ଆରଓ: ଜଟଣୀ, ମୌଜା: ବଡରଘୁନାଥପୁର, ଖାତା ନଂ.: ୨୭୦/୩୨୩୧, ପ୍ଲଟ୍ ନଂ.: ୧୭୩/୪୦୩୯, କ୍ଷେତ୍ର: ଏକର୦.୦୩୭ ଡିସିମିଲି, ସ୍ୱତଃ: ସ୍ଥିତିବାନ, ଅନୁରୂପ ଖାତା ନଂ.: ୨୭୦/୨୩୬୨, ପୁନଶ୍ଚ ଅନୁରୂପ ଖାତା ନଂ.: ୫୨, ପ୍ଲଟ୍ ନଂ.: ୧୭୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ୨୦ ଫୁଟିଆ ଚଉଡା ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୭୪, ପଶ୍ଚିମ: ୨୦ ଫୁଟିଆ ଚଉଡା ରାସ୍ତା, **୨) ଶ୍ରୀମତୀ ନଳିନୀପ୍ରଭା ସୁନ୍ଦରାୟ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ଥାନା: ଜଟଣୀ, ଥାନା ନଂ.: ୬୫, ଏସ୍‌ଆରଓ: ଜଟଣୀ, ମୌଜା: ବଡରଘୁନାଥପୁର, ଖାତା ନଂ.: ୨୭୦/୩୨୩୧, ପ୍ଲଟ୍ ନଂ.: ୧୭୨/୪୦୩୮, କ୍ଷେତ୍ର: ଏକର୦.୦୧୯ ଡିସିମିଲି, ସ୍ୱତଃ: ସ୍ଥିତିବାନ, ଅନୁରୂପ ଖାତା ନଂ.: ୨୭୦/୨୪୧୨, ପୁନଶ୍ଚ ଅନୁରୂପ ଖାତା ନଂ.: ୧୫୦, ପ୍ଲଟ୍ ନଂ.: ୧୭୨/୪୦୩୮, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଳିନୀ ପ୍ରଭା ସୁନ୍ଦରାୟଙ୍କ ପ୍ଲଟ୍ (ପ୍ଲଟ୍ ନଂ.: ୧୭୩/୪୦୩୯), ଦକ୍ଷିଣ: ୨୦ ଫୁଟିଆ ଚଉଡା ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୭୪, ପଶ୍ଚିମ: ୨୦ ଫୁଟିଆ ଚଉଡା ରାସ୍ତା	୨୧.୦୮.୨୦୨୫ / ୨୫.୧୧.୨୦୨୫	୦୮.୦୮.୨୦୨୫ ସୁଦ୍ଧା ଟ.୧୫,୧୨,୯୭୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସବିତା ସେନାପତି, ସ୍ୱାମୀ: ଶ୍ରୀ ତପନ କୁମାର ସେନାପତି, **୨) ଶ୍ରୀ ତପନ କୁମାର ସେନାପତି,** ପିତା: ପୂର୍ଣ୍ଣନନ୍ଦ ସେନାପତି, ଉଭୟଙ୍କ ଠିକଣା- ସା: ବିଶଲ୍ୟକରଣୀ ଲେନ୍, ପୋ/ଥାନା: ମଧୁପାଟଣା, କାଜିଡିହ ୟୁପି ସ୍କୁଲ ନିକଟ, କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୧୦	**ଶ୍ରୀମତୀ ସବିତା ସେନାପତି**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୩୦୫/୧୨୮୪, ପ୍ଲଟ୍ ନଂ.: ୧୦୫୩/୨୭୨୮, ପରିମିତ କ୍ଷେତ୍ର: ଏକର୦.୦୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୦୫୫/୨୭୨୯, ପରିମିତ କ୍ଷେତ୍ର: ଏକର୦.୦୧୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୨୫ ଡିସିମିଲି,** ସ୍ଥିତିବାନ ଘରବାରୀ, ଜମିର ଅନୁରୂପ ଖାତା ନଂ.: ୩୦୫/୧୭୮, ପ୍ଲଟ୍ ନଂ.: ୧୦୫୩/୧୫୮୫ ଏବଂ ପ୍ଲଟ୍ ନଂ.: ୧୦୫୫/୧୫୮୬, ମୌଜା: ପୋପରଡା, ଏସ୍‌ଆରଓ: କଟକ, ଥାନା ନଂ.: ୭୧, ଥାନା: କଟକ ସଦର, ତହସିଲ: କଟକ, ତହସିଲ ନଂ.: ୨୪୪, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବିକ୍ରେତାଙ୍କ ଅବଶିଷ୍ଟ ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୦୫୫, ପଶ୍ଚିମ: ପ୍ଲଟ୍ ନଂ.: ୧୦୫୩	୧୯.୦୯.୨୦୨୫ / ୨୫.୧୧.୨୦୨୫	୨୧.୦୪.୨୦୨୫ ସୁଦ୍ଧା ଟ.୪୦,୯୮,୮୮୦.୮୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତା: ମେସର୍ସ ଶ୍ରୀରାମ ମେଡିସିନ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଦେବରାଜ ସାହୁ, ଅଫିସ୍ ଠିକଣା: ପ୍ଲଟ୍ ନଂ.: ୧୦୬୮, ସାମନ୍ତରା ପୁର, ଓଲ୍ଡ ଟାଉନ୍, ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର-୭୫୧୦୦୨, **ବାସସ୍ଥାନ ଠିକଣା: ଶ୍ରୀ ଦେବରାଜ ସାହୁ,** ପିତା: ରମେଶ ସାହୁ, ସା: ସରକାରୀବଡ, କଲ୍ୟାଣପୁର, ପୋ: ଧଉଳି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ଲିଙ୍ଗରାଜ ସାହୁ,** ପିତା: ରମେଶ ସାହୁ, ସା: ସରକାରୀବଡ, କଲ୍ୟାଣପୁର, ପୋ: ଧଉଳି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୨	**ଶ୍ରୀ ଲିଙ୍ଗରାଜ ସାହୁ ଏବଂ ଶ୍ରୀ ଦେବରାଜ ସାହୁ,** ପିତା: ରମେଶ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଜମି ଯାହାର ଖାତା ନଂ.: ୨୦୭/୨୪୭, ପ୍ଲଟ୍ ନଂ.: ୪୭/୪୫୭, ପରିମିତ କ୍ଷେତ୍ର: ଏକର୦.୦୨୭ ଡିସିମିଲି, ଘରବାରୀ ଜମି ଅନୁରୂପ ଖାତା ନଂ.: ୧୬, ସବ୍ ପ୍ଲଟ୍ ନଂ.: ୧୦୦, ମୌଜା: ସରକାରୀବଡ, କଲ୍ୟାଣପୁର, ଥାନା ନଂ.: ୪୩, ଥାନା: ଭୁବନେଶ୍ୱର, ତହସିଲ ନଂ.: ୧୪୮, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୪୭, ପୂର୍ବ: ପ୍ଲଟ୍ ନଂ.: ୪୭, ପଶ୍ଚିମ: ପ୍ରସ୍ତାବିତ ରାସ୍ତା	୨୧.୦୪.୨୦୨୫ / ୨୬.୧୧.୨୦୨୫	୨୧.୦୪.୨୦୨୫ ସୁଦ୍ଧା ଟ.୧୧,୪୩,୪୯୦.୯୩ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ
ଋଣଗ୍ରହୀତାମାନେ: ୧) ଶ୍ରୀ ଅଭିମନ୍ୟୁ ନାଏକ, ପିତା: ଇଶ୍ୱର ନାଏକ, **୨) ଶ୍ରୀମତୀ ଦୁର୍ଗା କୁମାରୀ ନାଏକ,** ସ୍ୱାମୀ: ଅଭିମନ୍ୟୁ ନାଏକ, ଉଭୟଙ୍କ **ଠିକଣା-୧:** କ୍ୱାର୍ଟର ନଂ.: ଡି/୩୨୨, ସେକ୍ଟର-୧୬, ରାଉରକେଲା-୩, ସୁନ୍ଦରଗଡ, ଓଡ଼ିଶା-୭୬୯୦୧୬, **ଠିକଣା-୨:** ସା/ପୋ: କରଚୁଲି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୪୩	**ଶ୍ରୀମତୀ ଦୁର୍ଗା କୁମାରୀ ନାଏକ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ମୌଜା: ଗଙ୍ଗେଶ୍ୱର, ଖାତା ନଂ.: ୪୦୧/୭୬୦, ପ୍ଲଟ୍ ନଂ.: ୫୯୩/୨୫୩୯, କ୍ଷେତ୍ର: ଏକର୦.୦୪୮୨ ଡିସିମିଲି, ଅନୁରୂପ ଖାତା ନଂ.: ୩୯୩/୮୧, ପ୍ଲଟ୍ ନଂ.: ୫୯୩/୧୫୯୮, ପୁନଶ୍ଚ ଅନୁରୂପ ମୂଳ ଖାତା ନଂ.: ୨୪୮, ମୂଳ ପ୍ଲଟ୍ ନଂ.: ୫୯୩, ଏସ୍‌ଆରଓ: ବାରଙ୍ଗ, ତହସିଲ: ବାରଙ୍ଗ, ଥାନା: କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୫୯୨ ଏବଂ ୫୯୧, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପଶ୍ଚିମ: ଆଭ୍ୟନ୍ତରିଣ ରାସ୍ତା	୨୩.୦୯.୨୦୨୫ / ୨୬.୧୧.୨୦୨୫	୧୯.୦୭.୨୦୨୫ ସୁଦ୍ଧା ଟ.୩୭,୮୮,୦୦୦.୬୮ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ

ସ୍ଥାନ: ଭୁବନେଶ୍ୱର — **କ୍ଷମତାପ୍ରାପ୍ତ ଅଧିକାରୀ**
ତାରିଖ : ୨୮.୧୧.୨୦୨୫ — **ବ୍ୟାଙ୍କ ଅଫ୍ ବରୋଦା**

UJJIVAN SMALL FINANCE BANK

ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ

ପଞ୍ଜୀକୃତ କାର୍ଯ୍ୟାଳୟ: ଗ୍ରେପ ଗାର୍ଡେନ, ନଂ-୨୭, ୩ୟ 'ଏ' କ୍ରସ, ୧୮ତମ ମୁଖ୍ୟ, ଷଷ୍ଠ ବ୍ଲକ, କୋରମଙ୍ଗଲା, ବେଙ୍ଗାଲୁରୁ-୫୬୦୦୯୫.
ଶାଖା କାର୍ଯ୍ୟାଳୟ : ପ୍ଲଟ ନଂ.୩୦୦୬/୩୮୮୫, ୟୁନିଟ୍ ନଂ.୨୮, ତଳ ଓ ୧ମ ମହଲା, ଗୌତମ ନଗର, ୱାର୍ଡ ନଂ.୩, ଲିୱିସ୍ ରୋଡ୍, ରବି ଟକିଜ୍ ଛକ, ଭୁବନେଶ୍ୱର, ଓଡ଼ିଶା, ୭୫୧୦୦୨.

ସର୍ବସାଧାରଣ ନିଲାମ ବିଜ୍ଞପ୍ତି

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ (୬) ଏବଂ ୯ର ବିଧି ବ୍ୟବସ୍ଥା ପାଠ କରାଯାଇ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ **(SARFAESI** ଆଇନ) ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନ୍‌ଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକ୍ସନ ଅନୁଯାୟୀ ବିକ୍ରୟ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି। ନିମ୍ନସ୍ୱାକ୍ଷରକାରୀ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ **(SARFAESI)** ଆଇନର ଧାରା ୧୩ (୪) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ବିସ୍ତୃତ ଭାବେ ସୂଚନା ଦିଆଯାଉଛି ଯେ, ନିମ୍ନଲିଖିତ ଆକାଉଣ୍ଟରେ ବନ୍ଧକ ଦିଆଯାଇଥିବା ସମ୍ପତ୍ତିକୁ ବ୍ୟାଙ୍କର ବକେୟା ରାଶି ସଂଗ୍ରହ ନିମନ୍ତେ ''ଯେଉଁଠାରେ ଅଛି ଆଧାରରେ'' ଏବଂ ''ଯାହା ଅଛି ଆଧାରରେ'' ନିମ୍ନଲିଖିତ ତାରିଖରେ ସର୍ବସାଧାରଣରେ ନିଲାମ କରାଯିବ ।

କ୍ର. ନଂ.	ଲୋନ ଆକାଉଣ୍ଟ ନଂ.	ଋଣଗ୍ରହୀତା/ସହ ଋଣଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ	୧୩-୨ ନୋଟିସ ତାରିଖ ଏବଂ ଦାବି ରାଶି ତାରିଖ ସୁଦ୍ଧା	ଦଖଲ ନେବା ତାରିଖ	ବର୍ତ୍ତମାନ ମୋଟ ବକେୟା ରାଶି ୧୪.୦୧.୨୦୨୫ ତାରିଖ ସୁଦ୍ଧା	ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ	ସଂରକ୍ଷିତ ମୂଲ୍ୟ ଟଙ୍କାରେ	ଅମାନତ ରାଶି ଜମା, (ଇଏମଡି) ଟଙ୍କାରେ (ସଂରକ୍ଷିତ ମୂଲ୍ୟର ୧୦%)	ଇ-ନିଲାମର ତାରିଖ ଏବଂ ସମୟ	ବିଡ୍ ଦାଖଲ କରିବା ଅନ୍ତିମ ତାରିଖ	ଅମାନତ ରାଶି ପଠାଇବା ନିମନ୍ତେ ଆକାଉଣ୍ଟ ବିବରଣୀ (ଇଏମଡି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସପକ୍ଷରେ ଡିମାଣ୍ଡ ଡ୍ରାଫ ମାଧ୍ୟମରେ ଜମା କରିବାକୁ ହେବ)
୧.	3343210180000016 ଏବଂ 3343218860000003	୧. ଶ୍ରୀ ସୂର୍ଯ୍ୟ ନାରାୟଣ ସାହୁ, ପିତା-କପିଳେନ୍ଦ୍ର ସାହୁ ୨. ଶ୍ରୀମତୀ ସନ୍ଧ୍ୟାରାଣୀ ସାହୁ, ସ୍ୱା-ସୂର୍ଯ୍ୟ ନାରାୟଣ ସାହୁ	୨୧-୧୦-୨୦୨୨ ଟ. ୧୬,୩୯,୬୯୦.୮୫/-	୨୧.୦୬.୨୦୨୩	ଟ. ୩୦,୫୦,୭୬୮.୮୮/-	ପୂର୍ବାହ୍ନ ୧୦:୦୦ଘଣ୍ଟା ୧୭-୧୨-୨୦୨୫	ଟ.୨,୭୮,୦୦୦/-	ଟ. ୨୭,୮୦୦/-	୦୭-୦୧-୨୦୨୬, ପୂର୍ବାହ୍ନ ୯:୩୦ ଘଣ୍ଟା	୦୬-୦୧-୨୦୨୬	ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସପକ୍ଷରେ ଡିମାଣ୍ଡ ଡ୍ରାଫ ମାଧ୍ୟମରେ ଇଏମଡି ଜମା କରାଯିବ

ସମ୍ପତ୍ତିର ବିବରଣୀ/ତଫସିଲ: ଜମିର ସମସ୍ତ ଅଂଶ: ଏରିଆ: ଏ ୦.୦୩୦ ଡେସିମିଲ, ପ୍ଲଟ ନଂ.-୨୩୧୫, ସଂପର୍କିତ ଖାତା ନଂ.-୧୮୫୯/୬୧୦, ସଂପର୍କିତ ପ୍ଲଟ ନଂ. ୨୩୧୫ ଏବଂ ଖାତା ନଂ.୧୯୨୮, ମୌଜା-ବଳଙ୍ଗା, ଥାନା-ବଳଙ୍ଗା, ତହସିଲ/ଏସ୍‌ଆରଓ-ନିମାପଡା, ଜିଲ୍ଲା-ପୁରୀ, ଓଡ଼ିଶା-୭୫୨୧୦୫, ମୋଟ ଜମି ଏରିଆ-ଏ ୦.୦୩୦ ଡେସିମିଲ (୧୩୦୬.୮ବର୍ଗଫୁଟ), ପରିସୀମା: ଉ: ରାସ୍ତା, ଦ: ରାସ୍ତା, ପୂ:ବୀରେନ୍ଦ୍ର ସାହୁ, ପ: ପାଣୁ ପୃଷ୍ଟି .ମାଲିକାନା ସତ୍ତ୍ୱ-ସୂର୍ଯ୍ୟ ନାରାୟଣ ସାହୁ, ବିକ୍ରୟ କବଲା ଜରିଆରେ, ତାରିଖ ୦୯.୧୦.୨୦୧୮. ଏବଂ ଏ.ଡି.ଏସ୍.ଆର୍ ନିମାପଡା, ରେ ପଞ୍ଜୀକୃତ, କବଲା ନଂ.I-1117/2018.

ସର୍ତ୍ତାବଳୀ:-
ଇ-ନିଲାମ ''ଯେଉଁଠାରେ ଅଛି'', ''ଯାହା ଅଛି'' ଏବଂ ''ସେଥିରେ ଯାହା ଅଛି'' ଆଧାରରେ କରାଯିବ।
୧. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଥିବା ସର୍ବୋତ୍ତମ ସୂଚନା ଅନୁଯାୟୀ ସମ୍ପତ୍ତି ଉପରେ କୌଣସି ଆଇନଗତ ସମସ୍ୟା ନାହିଁ। କିନ୍ତୁ ଆଶାୟୀ ନିଲାମଧାରୀମାନେ ଆଇନଗତ ସମସ୍ୟା, ନିଲାମ କରାଯିବାକୁ ଥିବା ସମ୍ପତ୍ତି/ଗୁଡ଼ିକର ମାଲିକାନା ସତ୍ତ୍ୱ ଏବଂ ଦାବିଗୁଡ଼ିକ/ଅଧିକାର/ଦେୟଗୁଡ଼ିକ ଯାହା ଉକ୍ତ ସମ୍ପତ୍ତି ନିମନ୍ତେ ପ୍ରଯୁଜ୍ୟ ସେଗୁଡ଼ିକ ବିଡ୍ ଦାଖଲ କରିବା ପୂର୍ବରୁ ସେମାନେ ନିଜସ୍ୱ ଅନୁସନ୍ଧାନ କରିବେ। ଇ-ନିଲାମ ବିଜ୍ଞାପନ କୌଣସି ସର୍ତ୍ତ ଆରୋପ କରି ନାହିଁ କିମ୍ବା କୌଣସି ପ୍ରତିଶ୍ରୁତି ଦେବ ନାହିଁ ଏବଂ ବ୍ୟାଙ୍କ ନିମନ୍ତେ କେହି ପ୍ରତିନିଧିତ୍ୱ କରୁନାହାନ୍ତି। ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତରେ ଉପୁଜୁଥିବା ଆଇନଗତ ସମସ୍ୟା ଜଣା କିମ୍ବା ଅଜଣା ଆଧାରରେ ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବିଗୁଡ଼ିକ/ଅଧିକାରଗୁଡ଼ିକ/ଦେୟଗୁଡ଼ିକ ନିମନ୍ତେ ଦାୟୀ ରହିବେ ନାହିଁ।
୨. ନିଲାମଧାରୀମାନଙ୍କର ଏହା ଦାୟିତ୍ୱ ଯେ ବିଡ୍ ଦାଖଲ କରିବା ପୂର୍ବରୁ ସେମାନେ ନିଲାମ କରାଯିବାକୁ ଥିବା ସମ୍ପତ୍ତିକୁ ନିରୀକ୍ଷଣ କରିବେ ଏବଂ ସେମାନେ ନିଜେ ସମ୍ପତ୍ତିର ନିର୍ଦ୍ଦିଷ୍ଟତା ସମ୍ବନ୍ଧରେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପତ୍ତି/ଗୁଡ଼ିକ ନିରୀକ୍ଷଣ ନିମନ୍ତେ ପ୍ରତ୍ୟେକ ସମ୍ପତ୍ତିର ବିବରଣୀ ଅନୁସାରେ ନିରୀକ୍ଷଣ କରିବାକୁ ଅନୁମତି ଦିଆଯିବ।
୩. ଆଗ୍ରହୀ ନିଲାମଧାରୀମାନେ ଉପରେ ଲିଖିତ ନିଲାମ ତାରିଖର ଏକ ଦିନ ପୂର୍ବରୁ ସେମାନଙ୍କର ବିଡ୍ ନିମ୍ନସ୍ୱାକ୍ଷରିତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।
୪. ଇ-ନିଲାମ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ ଏମ/ଏସ୍ **C1 India Pvt. Ltd.** ଙ୍କ ଦ୍ୱାରା ପରିଚାଳିତ ହେବ। ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରଭାକରନ (ମୋବାଇଲ ନଂ: ୭୪୧୮୨-୮୧୭୦୯) ଆଗ୍ରହୀ ନିଲାମଧାରୀମାନଙ୍କୁ ଉପଦେଶ ଦିଆଯାଉଛି ଯେ ନିଲାମରେ ଅଂଶ ଗ୍ରହଣ କରିବା ନିମନ୍ତେ ସମ୍ପତ୍ତିଗୁଡ଼ିକର ବିବରଣୀ ୱେବସାଇଟ୍ **https://www.bankeauctions.com** କିମ୍ବା **https://www.ujjivansfb.in/e-auction** ଦେଖନ୍ତୁ। ନିଲାମରେ ଅଂଶ ଗ୍ରହଣ କରିବା ନିମନ୍ତେ ସେମାନଙ୍କର ନାମ ପୋର୍ଟାଲ **https://www.bankeauctions.com** ରେ ପଞ୍ଜୀକରଣ କରିବା ଆବଶ୍ୟକ ଏବଂ ସେମାନଙ୍କର ୟୁଜର ଆଇଡି ଏବଂ ପାସୱାର୍ଡ ବିନା ମୂଲ୍ୟରେ ପାଇପାରିବେ। ଆଶାୟୀ ନିଲାମଧାରୀମାନେ ଇ-ଅକ୍ସନର ଅନ୍‌ଲାଇନ ଟ୍ରେନିଂ ଉପଲବ୍ଧ କରିବା ନିମନ୍ତେ ସେବା ପ୍ରଦାନକାରୀ **M/s. C1 India Pvt. Ltd**, ହେଲ୍ପଲାଇନ ନଂ. ୭୨୯୧୯୮୧୮୨୪,୨୫,୨୬, **support e-mail ID: support@bankeauctions.com, Auction portal- https://www.bankeauctions.com** ଦେଖନ୍ତୁ।
୫. ସମ୍ପତ୍ତି ସର୍ବୋଚ୍ଚ ନିଲାମଧାରୀ/ସର୍ବୋଚ୍ଚ ଡାକ ଦିଆଯାଇଥିବା ବ୍ୟକ୍ତିଙ୍କୁ ବିକ୍ରୟ କରାଯିବ। ଯଦି ଏହି ନିଲାମ ସୁରକ୍ଷିତ ଋଣଦାତା ଯଥା ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିଃ.ଙ୍କ ଦ୍ୱାରା ଅନୁମୋଦିତ ହୁଏ କିନ୍ତୁ ନିମ୍ନସ୍ୱାକ୍ଷରକାରୀଙ୍କ ଯଦି ଆବଶ୍ୟକ ମନେ କରନ୍ତି ନିଲାମ ମଧ୍ୟରେ ସେ ତାଙ୍କର ନିରଙ୍କୁଶ କ୍ଷମତା ପ୍ରୟୋଗ କରିପାରନ୍ତି। କୌଣସି କାରଣ ନଦର୍ଶାଇ ନିଲାମ/ଟେଣ୍ଡରକୁ ଗ୍ରହଣ କରିବା ଏବଂ ପ୍ରତ୍ୟାଖ୍ୟାନ କରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅଧିକାର ଅଛି।
୬. ସଫଳ ନିଲାମଧାରୀମାନଙ୍କ ଇଏମଡି ବିକ୍ରୟ ମୂଲ୍ୟ ସହିତ ସଂଯୁକ୍ତ ହେବ ଏବଂ ସଫଳ ହୋଇନଥିବା ନିଲାମଧାରୀଙ୍କ ଇଏମଡି ଫେରସ୍ତ ଦିଆଯିବ। ଜମା ଦିଆଯାଇଥିବା ଇଏମଡି ରାଶିରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀମାନଙ୍କୁ ବିକ୍ରୟର ମୂଲ୍ୟର ୨୫% ଜମା ଦେବାକୁ ହେବ। ଯାହା ଜମା ଦିଆଯାଇଥିବା ଇଏମଡିକୁ ହିସାବକୁ ନିଆଯିବ। ଏହି ରାଶି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ଗୃହୀତ ହେବାର ୨୪ ଘଣ୍ଟା ମଧ୍ୟରେ ଜମା ଦେବାକୁ ପଡ଼ିବ, ଅବଶିଷ୍ଟ ବିକ୍ରୟ ମୂଲ୍ୟର ୭୫% ବିକ୍ରୟର ୧୫ ଦିନ କିମ୍ବା ଏହା ପୂର୍ବରୁ କିମ୍ବା ଏପରି ସମ୍ପ୍ରସାରିତ ସମୟ ସୀମା ୩ ମାସ ମଧ୍ୟରେ ଯାହା ଲିଖିତ ଭାବେ ଅଙ୍ଗୀକାର କରାଯାଇଥିବ ସେହି ସମୟ ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସମ୍ପୂର୍ଣ୍ଣ ନିଷ୍ପତ୍ତି ଉପରେ ନିର୍ଭର କରେ। ଯଦି ସଫଳ ନିଲାମଧାରୀ ରାଶି ଜମା ଦେବାରେ ବିଫଳ ହୁଅନ୍ତି, ନିଲାମ ନିମନ୍ତେ ଜମା ଦିଆଯାଇଥିବା ସମସ୍ତ ରାଶିକୁ ବ୍ୟାଜ୍ୟାପ୍ତ କରାଯିବ ଏବଂ ସମ୍ପତ୍ତିକୁ ପୁନର୍ବାର ନିଲାମ କରାଯିବ ଏବଂ ବିଫଳ କ୍ରୟକାରୀ ଉକ୍ତ ସମ୍ପତ୍ତି/ରାଶି ଉପରେ କୌଣସି ଦାବି/ଅଧିକାର କରିପାରିବେ ନାହିଁ।
୭. ଆଇନର ମୁଖ୍ୟ ଧାରା ଅନୁଯାୟୀ ଏହି ବିଜ୍ଞପ୍ତି ପ୍ରକାଶିତ।
୮. ନିଲାମଧାରୀମାନଙ୍କର ନିଜର ସ୍ୱାର୍ଥ ନିମନ୍ତେ ଶେଷ ମୁହୂର୍ତ୍ତରେ ନିଲାମ ଡାକିବା ପାଇଁ ନିରୁତ୍ସାହିତ କରାଯାଉଛି। କାରଣ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ କିମ୍ବା ସେବା ପ୍ରଦାନକାରୀ କୌଣସି ଖିଲାପ/ଅସୁବିଧା (ଇଣ୍ଟରନେଟ୍ କାର୍ଯ୍ୟକାରୀ ନହେବା/ବୈଦ୍ୟୁତିକ ବିଚ୍ଛିନ୍ନତା ଇତ୍ୟାଦି) ନିମନ୍ତେ ଦାୟୀ ରହିବେ ନାହିଁ। ଏପରି ଆକସ୍ମିକ ପରିସ୍ଥିତିକୁ ଏଡାଇବା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଆବଶ୍ୟକ ବ୍ୟବସ୍ଥା/ବିକଳ୍ପ ବ୍ୟବସ୍ଥା ଯଥା ଇଲେକ୍ଟ୍ରିକ ସପ୍ଲାଏ ବ୍ୟାକ୍ ଅପ୍ ଇତ୍ୟାଦି ସମ୍ବନ୍ଧରେ ସତର୍କ ରହିବେ ଯାହାଦ୍ୱାରା ସେମାନେ ଏପରି ଆକସ୍ମିକ ବାଧାଗୁଡ଼ିକୁ ଏଡାଇବା ପାଇଁ ସମର୍ଥ ହେବେ ଏବଂ ନିଲାମରେ ସଫଳତାର ସହିତ ଅଂଶ ଗ୍ରହଣ କରିପାରିବେ। ଏହା ମଧ୍ୟ ବନ୍ଧକ ଦିଆଯାଇଥିବା ସଂପତ୍ତିର ବିକ୍ରି ପାଇଁ ସ୍ଥିର କରାଯାଇଥିବା ସର୍ବସାଧାରଣ ନିଲାମ ବିଷୟରେ ଉପର ଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟରମାନେ/ମଟଗେଜରଙ୍କୁ ଏକ ନୋଟିସ୍ ବୋଲି ବିବେଚିତ ହେବ।

ତାରିଖ : ୨୯-୧୧-୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ସ୍ଥାନ : ଭୁବନେଶ୍ୱର — ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ